# ଅନୁଗୋଳରୁ ଆଜି ୫ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୫୫ରେ ପହଞ୍ଚିଲା ।

ଅନୁଗୋଳ,୨୦.୬ :- ଅନୁଗୋଳ ଜିଲ୍ଲାରୁ ଆଜି ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୫ ଜଣଙ୍କୁ ମିଶାଇ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୫ ରେ ପହଂଚିଲା । ଏମାନଙ୍କ ମଧ୍ୟରେ ବଅଁରପାଳ ବ୍ଲକର ଏକ ସଂଗରୋଧ କେନ୍ଦ୍ରରେ ଜଣେ ୨୭ ବର୍ଷ ବୟସ୍କ ଯୁବକ ଚଳିତ ମାସ ୮ ତାରିଖରୁ ହରିୟାନାରୁ ଆସି ସଂଗରୋଧରେ ଥିଲେ । ସେହିପରି ଉକ୍ତ ବ୍ଲକ ଅଂଚଳର ଜଣେ ୨୫ ବର୍ଷୀୟ ଯୁବକ ଚଳିତ ମାସ ୧୧ ତାରିଖରୁ ଛତିଶଗଡରୁ ଆସି ସରକାରୀ କ୍ୱାରେଣ୍ଟାଇନରେ ଥିଲେ । ପରେ ସେ ଚଳିତ ମାସ ୧୭ ତାରିଖରେ ହୋମ କ୍ୱାରେଣ୍ଟାଇନରେ ରହିଥିବା ଅବସ୍ଥାରେ ତାଂକର ନମୁନା ପଜିଟିଭ ବାହାରିଛି । ପ୍ରଶାସନ ଦ୍ୱାରା ସ୍ଥିରିକୃତ ଅନୁଗୋଳ ସହରର ଏକ ହୋଟେଲର Paid Quarintine ରେ ଚଳିତ ମାସ ୧୭ ତାରିଖରୁ ଥିବା ଜଣେ ୩୩ ବର୍ଷୀୟ ନୂଆଦିଲ୍ଲୀ ଫେରନ୍ତା ଯୁବକଙ୍କର ସ୍ୱାବ ନମୁନାରୁ ପଜିଟିଭ ବାହାରିଛି । ଚତୁର୍ଥ ପଜିଟିଭ ଜଣଙ୍କ ୧୯ ବର୍ଷୀୟ ଯୁବକ ଚେନାଇରୁ ଫେରି ଅନୁଗୋଳ ବ୍ଲକ ଅଂଚଳର ଏକ ସଂଗରୋଧ କେନ୍ଦ୍ରରେ ଚଳିତ ମାସ ୧୨ ତାରିଖରୁ ରହିଥିଲେ । ଏହି ୪ ଜଣଙ୍କର କୌଣସି ଲକ୍ଷଣ ନଥାଇ ପଜିଟିଭ ବାହାରିଥିବାବେଳେ ୫ମ ପଜିଟିଭ ଜଣଙ୍କ ୨୧ ବର୍ଷୀୟ ଯୁବକ କିଶୋରନଗର ବ୍ଲକ୍ ଅଂଚଳର ଏକ ସଂଗରୋଧ କେନ୍ଦ୍ରରେ ଚଳିତ ମାସ ୧୧ ତାରିଖ ଠାରୁ ହାଇଦ୍ରାବାଦରୁ ଫେରି ରହିଥିଲେ ଓ ତାଂକ ଠାରେ କରୋନା ଲକ୍ଷଣ ଥାଇ ସ୍ୱାବ ନମୁନା ପରିକ୍ଷାରୁ ସେ ପଜିଟିଭ ଥିବାର ଜଣାପଡିଛି ବୋଲି ଆଜି ଏକ ପ୍ରେସ ବିବୃତିରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୦୬ ତା.୨୦.୬.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୦/୬/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।